ବିକ୍ରମ ସିଂହ

*ବନାମ*

ହରିୟାଣା ରାଜ୍ୟ

ଫୌଜଦାରୀ ଆବେଦନ ସଂଖ୍ୟା 764/2007 ।

1 ମେ, 2009

**[ଡ. ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]**

*22 ଅଗଷ୍ଟ, 2006 ରେ ସଂଶୋଧିତ ହୋଇଥିବା କିଶୋର ନ୍ୟାୟ (ଶିଶୁ ଯତ୍ନ ଏବଂ ସୁରକ୍ଷା) ଅଧିନିୟମ, 2000 - କିଶୋର ନ୍ୟାୟ (ଶିଶୁ ଯତ୍ନ ଏବଂ ସୁରକ୍ଷା) ନିୟମାବଳୀ, 2007 - ନିୟମ 97 (2) - ଆବେଦନକାରୀଙ୍କ ଉପରେ ଫୌଜଦାରୀ ଅପରାଧ କରିଥିବାର ଆରୋପ ଲଗାଯାଇଥିଲା - ଦୋଷୀ ସାବ୍ୟସ୍ତ ଏବଂ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ - ସେ ଦାବି କରିଥିଲେ ଯେ ଅପରାଧ ଘଟାଇବା ସମୟରେ ସେ ନାବାଳକ ଥିଲେ - ନିର୍ଣ୍ଣୟ ହେଲା: ସଂଶୋଧିତ 2000 ଅଧିନିୟମ ଏବଂ 2007 ନିୟମାବଳୀର ବ୍ୟବସ୍ଥା ଅନୁଯାୟୀ ଆବେଦନକାରୀ ସୁବିଧା ପାଇବାକୁ ହକଦାର ଥିଲେ - ତେଣୁ, ଆବେଦନକାରୀଙ୍କ ଦଣ୍ଡବିଧାନକୁ ନିଶ୍ଚିତ କରୁଥିବାବେଳେ, ସେ ପୂର୍ବରୁ ଭୋଗୁଥିବା ହାଜତ ସମୟକୁ ବିଚାର କରି ତାଙ୍କୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।*

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 764/2007 ।

1998 ର ଫୌଜଦାରୀ ଆବେଦନ ସଂଖ୍ୟା 364-DB ରେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ରାଜ୍ୟ ଉଚ୍ଚ ନ୍ୟାୟାଳୟର 26.05.2006 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ସୁଶୀଲ କୁମାର, ଅନୀଲ କୌଶିକ, ବିନୟ ଅରୋରା, ଦୀପକ ଜୈନ, ଆଦିତ୍ୟ କୁମାର, ମ୍ୟାରୀ ମିର୍ଜା, ଗୋପାଳ ସିଂହ ଚୌହାନ, ଶିବ ପ୍ରକାଶ ପାଣ୍ଡେ ।

ଉତ୍ତରଦାତାଙ୍କ ପାଇଁ ଟି.ଭି. ଜର୍ଜ, ଶିନୋଜ କେ. ନାରାୟଣନ । ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଡ. ଅରିଜିତ ପଶାୟତ**ଙ୍କ ଦ୍ୱାରା ।

ପକ୍ଷମାନଙ୍କ ପାଇଁ ବିଜ୍ଞ ଓକିଲଙ୍କୁ ଶୁଣିଲୁ ।

ଏହି ବିବାଦ ଏକ ଅତ୍ୟନ୍ତ ସଂକୀର୍ଣ୍ଣ ପରିସର ମଧ୍ୟରେ ରହିଛି ଯାହା ବର୍ତ୍ତମାନ ମାମଲାର ବିଚାର ସମୟରେ କୁରୁକ୍ଷେତ୍ରର ବିଦ୍ୱାନ ଦୌରା ବିଚାରପତିଙ୍କ ସମ୍ମୁଖରେ କାର୍ଯ୍ୟାନୁଷ୍ଠାନର ବୈଧତା ସହିତ ସମ୍ପର୍କିତ । ଆବେଦନକାରୀଙ୍କ କହିବା ଅନୁଯାୟୀ, 20/2/1996 ରେ ଏହି ଘଟଣା ଘଟିବା ସମୟରେ ସେ ଜଣେ ନାବାଳକ ଥିଲେ । ଆବେଦନକାରୀଙ୍କୁ 1/3/1996 ରେ ଗିରଫ କରାଯାଇଥିବା ଦର୍ଶାଯାଇଥିଲା ।

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ର ଉପରେ ନିର୍ଭର କରି ଏହା ଦାବି କରାଯାଇଛି ଯେ ଆବେଦନକାରୀ 4.5.1980 ରେ ଜନ୍ମ ହୋଇଥିଲେ ଏବଂ ଘଟଣା ତାରିଖରେ ତାଙ୍କର ବୟସ 16 ବର୍ଷରୁ କମ୍ ଥିଲା । 5/6/1998 ରେ ଆବେଦନକାରୀଙ୍କୁ ଆଜୀବନ କାରାଦଣ୍ଡ ଏବଂ 7 ରୁ 10 ବର୍ଷ ମଧ୍ୟରେ ଅନ୍ୟାନ୍ୟ ସର୍ତ୍ତାବଳୀ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ।

ଦୋଷୀ ସାବ୍ୟସ୍ତ ହେବା ସମୟରେ କିଶୋର ନ୍ୟାୟ ଅଧିନିୟମ, 1986 (ଏହା ପରେ '1986 ଅଧିନିୟମ' ଭାବରେ ସୂଚିତ) କାର୍ଯ୍ୟକାରୀ ହେଉଥିଲା । ପରବର୍ତ୍ତୀ ସମୟରେ କିଶୋର ନ୍ୟାୟ (ଶିଶୁ ଯତ୍ନ ଏବଂ ସୁରକ୍ଷା) ଅଧିନିୟମ, 2000 (ଏହା ପରେ '2000 ଅଧିନିୟମ' ଭାବରେ ସୂଚିତ) ଦ୍ୱାରା 1986 ଅଧିନିୟମକୁ ପ୍ରତ୍ୟାହାର କରାଯାଇଥିଲା । 22.8.2006 ରେ ଆଇନର ଧାରା 2 (I) ସଂଶୋଧନ କରାଯାଇ କୁହାଯାଇଥିଲା ଯେ "ଆଇନ ସହିତ ଦ୍ୱନ୍ଦ୍ୱରେ ଥିବା ନାବାଳକ" ଅର୍ଥ ହେଉଛି ସେହି ନାବାଳକ ଯିଏ ଅପରାଧ କରିଥିବା ଅଭିଯୋଗ ହୋଇଛି ଏବଂ ଏପରି ଅପରାଧ ଘଟାଇବା ତାରିଖରେ 18 ବର୍ଷ ବୟସ ପୂରଣ କରିନାହିଁ । କିଶୋର ନ୍ୟାୟ (ଶିଶୁ ଯତ୍ନ ଏବଂ ସୁରକ୍ଷା) ନିୟମ, 2007 (ଏହା ପରେ '2007 ନିୟମ' ଭାବରେ ସୂଚିତ) 26 ଅକ୍ଟୋବର 2007 ରେ କାର୍ଯ୍ୟକାରୀ ହୋଇଥିଲା ।

ନିୟମ 97 (2) ଅନୁଯାୟୀ, ଯେଉଁ ବିଚାରାଧୀନ ମାମଲାଗୁଡ଼ିକ ଚୂଡାନ୍ତ ହୋଇନାହିଁ, ସେଗୁଡ଼ିକୁ 22/8/2006 ରେ ସଂଶୋଧିତ 2000 ଆଇନର ବ୍ୟବସ୍ଥା ଏବଂ 2007 ନିୟମ ଅନୁଯାୟୀ ବିଚାର ଏବଂ ଫଇସଲା କରାଯିବ । ଏହା ପ୍ରତୀୟମାନ ହୁଏ ଯେ ଉଚ୍ଚ ନ୍ୟାୟାଳୟଙ୍କ ରାୟ 26/5/2006 ର ଅଟେ ଯେତେବେଳେ ପ୍ରଯୁଜ୍ୟ ହେଉଥିବା ନିୟମ 97 (2) ବିଦ୍ୟମାନ ନଥିଲା କାରଣ ଏହା 2007 ରେ (ଅର୍ଥାତ୍ ଅକ୍ଟୋବର 26, 2007) କାର୍ଯ୍ୟକାରୀ ହୋଇଥିଲା ।

ବିକ୍ରମ ସିଂହ ବନାମ ହରିୟାଣା ରାଜ୍ୟ
[ନ୍ୟାୟମୂର୍ତ୍ତି ଡ. ଅରିଜିତ୍ ପଶାୟତ]

ଆମର ମତ ହେଉଛି ଯେ ଆବେଦନକାରୀ 22.8.2006 ରୁ ସଂଶୋଧିତ 2000 ଅଧିନିୟମର ବ୍ୟବସ୍ଥା ଏବଂ 2007 ନିୟମାବଳୀ ଅନୁଯାୟୀ ସୁବିଧା ପାଇବାକୁ ହକଦାର I ତେଣୁ ଦଣ୍ଡବିଧାନକୁ ନିଶ୍ଚିତ କରିବା ସମୟରେ, ଆବେଦନକାରୀ ପୂର୍ବରୁ ଭୋଗିସାରିଥିବା ହେପାଜତ ଅବଧିକୁ ବିଚାରକୁ ନେଇ, ଆମେ ନିର୍ଦ୍ଦେଶ ଦେଉଛୁ ଯେ ଅନ୍ୟ କୌଣସି ମାମଲାରେ ହେପାଜତରେ ରହିବା ଆବଶ୍ୟକ ନ ହେଲେ ତାଙ୍କୁ ତୁରନ୍ତ ହେପାଜତରୁ ମୁକ୍ତ କରାଯିବ I ସାଧାରଣତଃ ଆମେ ଏହି ମାମଲାକୁ ଉପଯୁକ୍ତ ନ୍ୟାୟାଳୟ ଦ୍ୱାରା ପରିଚାଳନା କରିବା ପାଇଁ ପଠାଇ ଦେଇଥାନ୍ତୁ I କିନ୍ତୁ ଦୀର୍ଘ ସମୟ ଏବଂ ହେପାଜତ ଅବଧିକୁ ବିଚାରକୁ ନେଇ ଆମେ ବର୍ତ୍ତମାନର ଆଦେଶ ପାରିତ କରିଛୁ I

ଉପରୋକ୍ତ ସୀମା ପର୍ଯ୍ୟନ୍ତ ଆବେଦନକୁ ଅନୁମତି ଦିଆଯାଇଛି I

ବି.ବି.ବି. ଆବେଦନକୁ ଆଂଶିକ ଭାବେ ଅନୁମତି ପ୍ରଦାନ କରାଗଲା I

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।